# Akashvani, Sambalpur

## SAMBALPURI NEWS EVENING BULLETIN

## 13 February 2025- 7.02 pm- 7.12 pm.

*******************************************

୧- ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍‌ନୁ ମୁଲ୍ ହେଲା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ।

- ଓଡ଼ିଶାକେ ୨୦୩୬ ମସିହାତକ୍ ୫ ଶହ ବିଲିୟନ୍ ଡଲାର୍‌ର ଅର୍ଥନୀତି ବନାବାର୍ ରହିଛେ ଲକ୍ଷ୍ୟ- କହେଲେ ରାଜ୍ୟପାଲ୍ ।

୨- ଦିବଂଗତ ସଦସ୍ୟଙ୍କର୍ ସ୍ମୃତିଥି ଶୋକପ୍ରସ୍ତାବ୍ ଆଗତ୍ ଉତ୍‌ରୁ ମୁଲ୍‌ତବୀ ହେଲା ଗୃହ ।

୩- ଲୋକ୍‌ସଭା ନ ଆଗତ୍ ହେଲା ଆୟକର୍ ବିଲ୍- ୨୦୨୫ ।

ଆଉର୍

୪- ଜଲ୍‌ବାୟୁ ପରିବର୍ତ୍ତନ୍ ଦିଗେ ରେଡ଼ିଓର୍ ଭୂମିକା ବାର୍ତ୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ରେଡ଼ିଓ ଦିବସ୍ ।

ବିଧାନ୍‌ସଭା- ବଜେଟ୍ ଅଧିବେଶନ୍ ଆର୍‌ଏନ୍‌ୟୁ/ କଟକ୍

୧୭ ନମ୍ବର୍ ବିଧାନ୍‌ସଭାର୍ ୩ ନମ୍ବର୍ ଆର୍ ବଜେଟ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଅଧିବେଶନ୍ ମୁଲ୍ ହଉନ୍‌ସାର୍ ଅଭିଭାଷଣ୍ ରଖିକରି କହିଛନ୍, ୨୦୨୪ ମସିହା ଓଡ଼ିଶାର୍ ଲାଗି ଗୁଟେ ଐତିହାସିକ୍ ବଛର୍ ଥିଲା । ରାଜ୍ୟବାସୀଙ୍କର୍ ସାମଗ୍ରିକ ବିକାଶ୍ ଆର୍ ସବୁ ବର୍ଗର୍ ଲୁକ୍‌କୁ ବର୍‌କସ୍ କର୍‌ବାର୍ ଦିଗେ ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତା ଉପ୍‌ରେ ରାଜ୍ୟପାଲ୍ କହିଛନ୍ ।

ଭିନ୍ ଭିନ୍ କ୍ଷେତ୍ରଥି ସର୍‌କାର୍ ନେଇଥିବା କାର୍ଯ୍ୟକ୍ରମ୍ ବାବ୍‌ଦେ ରାଜ୍ୟପାଲ୍ କହିଛନ୍, ୨୦୩୬ ମସିହାତକ୍ ୫ ଶହ ବିଲିୟନ୍ ଡଲାର୍ ଅର୍ଥନୀତିର୍ ସହେତେ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଆଏବା ୫ ବଛର୍ ଭିତ୍‌ରେ ଦେଢ଼୍‌ଲାଖ୍ ପଦ୍‌ବୀ ପୂରଣ୍ କରାଯିବା । ସେଥିର୍‌ଭିତ୍‌ରୁ ପହେଲା ୨ ବଛର୍ ଭିତ୍‌ରେ ୬୫ ହଜାର୍ ପଦ୍‌ବୀ ପୂରଣ୍ କରାଯିବା । କଳା, ଭାଷା, ସାହିତ୍ୟ, ସଂସ୍କୃତି ଆର୍ ପରମ୍ପରାର୍ ସୁରକ୍ଷା, ଉନ୍ନତି ଲାଗି ସର୍‌କାର୍ ସବୁନୁ ଜହ ପ୍ରାଥମିକତା ଦଉଛନ୍ ବଲି ସେ କହିଛନ୍ । ଇ ଆର୍ଥିକ୍ ବଛ୍‌ରେ ୪ ଶହ ନୁ ଅଏତ୍‌କା ଷ୍ଟାର୍ଟଅପ୍‌କେ ଆର୍ଥିକ୍ ଆର୍ ଭିନ୍ ଭିନ୍ ସାହାଜ୍ ଦିଆଯାଇଛେ । ଆଏବା ୨ ବଛର୍ ଭିତ୍‌ରେ ବୟନ ଶିଳ୍ପ କ୍ଷେତ୍ରଥି ୫୦ ହଜାର୍ ନିଯୁକ୍ତି ଆର୍ ୫ ବଛର୍ ଭିତ୍‌ରେ ଆଇଟି ଆଉ ଆଇଇଟିଇଏସ୍

କ୍ଷେତ୍ର ନ ୫୦ ହଜାର୍ ନିଯୁକ୍ତିର୍ ସୁଯୋଗ୍ ସୃଷ୍ଟି କର୍ବାର୍ ଲାଗି ସର୍କାର୍ ପଦକ୍ଷେପ୍ ନେଉଛନ୍ ବଲି ରାଜ୍ୟପାଲ୍ କହିଛନ୍ ।

ଓଡ଼ିଆ ଅସ୍ମିତା କ୍ଷେତ୍ରଥି ୨ ଶହ କୋଟି ଟଙ୍କାର୍ କର୍ପସ୍ ପାଣ୍ଠି ଗଠନ୍ କରାଯାଇଛେ । ବାଲିଯାତ୍ରା ଆର୍ ଧନୁଯାତ୍ରାକେ ବିଶ୍ୱ ଐତିହ୍ୟ ପରବ୍ ଭାବେ ସର୍କାର୍ ଘୋଷ୍ନା କରିଛନ୍ । ପ୍ରଧାନ୍ମନ୍ତ୍ରୀ ଇ-ବସ୍ ସେବା ଯୋଜ୍ନା ଅଧୀନ୍ଥି ରାଜ୍ୟର୍ ଭିନ୍ ଭିନ୍ ସହରେ ୪ ଶହ ଇ ବସ୍ ଚଲାଚଲ୍ ଲାଗି ପଦକ୍ଷେପ୍ ନିଆଯାଇଛେ । ଗ୍ରାମାଂଚଲର୍ ଭିତିଭୂମିକେ ନଜର୍ଥି ରଖିକରି ଇ ବଛର୍ ୧ ହଜାର୍ ୪ ଶହ ୩୯ କିଲୋମିଟର୍ ରାସ୍ତା ନିର୍ମାଣ୍ ସରିଛେ । ଆଡ଼ିବନ୍ଧ ଯୋଜ୍ନାଥି ୨ ଶହ ୯ ଟା ଚେକ୍ଡେମ୍ ତିଆର୍ କାମ୍ ଚାଲିଛେ । ନାରୀ ସଶକ୍ତିକରଣ୍ ଦିଗେ ସର୍କାର୍ ଭିନ୍ ଭିନ୍ ଯୋଜ୍ନା ଲାଗୁ କରିଛନ୍ ବଲି ରାଜ୍ୟପାଲ୍ କହେବାର୍ ସହେତେ ସୁଭଦ୍ରା ଯୋଜ୍ନାର୍ ସଫଲତା ବାବଦ୍ଥି ଭିଲ୍ କହିଛନ୍ । ଅନୁସୂଚିତ ଜନଜାତିଙ୍କର୍ କଲ୍ୟାଣ୍ ଲାଗି କେନ୍ଦ୍ରୀୟ ଯୋଜ୍ନା 'ଧର୍ତୀ ଆବା ଜନଜାତି ଗ୍ରାମ ଉନ୍ନତ' ଅଭିଯାନ୍କେ କାର୍ଯ୍ୟକାରୀ କରାଯାଇଛେ । ୨୭ ଟା ଜିଲ୍ଲାର୍ ୭ ହଜାର୍ ୬ ଶହ ୬୭ ଟା ଆଦିବାସୀ ଗାଁ ନ ଭିତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା ଆର୍ ଜୀବିକା ବୃଦ୍ଧି ଉପ୍ରେ ଇ

ଅଭିଯାନ୍‌ଥି ଗୁରୁତ୍ୱ ଦିଆଯାଉଛେ ବଲି ରାଜ୍ୟପାଲ୍ କହିଛନ୍ ।

ବିଧାନ୍‌ସଭା- ଶୋକପ୍ରସ୍ତାବ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ଉତ୍‌ରୁ ଗୃହର୍ ନେତା ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଘର୍ ପ୍ରଧାନ୍‌ମନ୍ତ୍ରୀ ମନ୍‌ମୋହନ୍ ସିଂ ଆର୍ ବିଧାନ୍‌ସଭାର୍ ଆଘର୍ ଦିବଂଗତ ସଦସ୍ୟ ବିଜୟ ମହାନ୍ତି ଆର୍ ସଦନ୍ ନାୟକ୍‌ଙ୍କର୍ ଉଦ୍ଦେଶ୍‌ଥି ଶୋକପ୍ରସ୍ତାବ୍ ଆନିଥିଲେ । ପ୍ରସ୍ତାବ୍‌କେ ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍, କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମ୍‌ଚନ୍ଦ୍ର କାଡ଼ାମ୍, ସିପିଆଇଏମ୍ ନେତା ଲକ୍ଷ୍ମଣ ମୁଣ୍ଡା ସମର୍ଥନ୍ ଦେଇକରି ଶ୍ରଦ୍ଧାଞ୍ଜଲି ଜନେଇଥିଲେ । ତାର୍ ଉତ୍‌ରୁ ଗୃହ ନ ଗୁଟେ ମିନିଟ୍ ନୀରବ୍ ପ୍ରାର୍ଥନା କରାଯାଇଥିଲା । ଗୃହକାର୍ଯ୍ୟକେ ବାଚସ୍ପତି ସୁରମା ପାଢ଼ୀ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ଆୟକର ବିଲ୍ ଆଗତ୍ ଏନ୍‌ଏସ୍‌ଡି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଏଜ୍ ଲୋକସଭା ନ ଆୟକର ବିଲ୍-୨୦୨୫ ଆଗତ୍ କରିଛନ୍ । ଇ ବିଲ୍ ଦେଶର୍ ଆୟକର ବାବଦ୍ ଆଇନ୍‌କେ ଏକୀକୃତ୍ କରି କରି ସଂଶୋଧନ୍ କର୍‌ବା । ବିଲ୍ ଆଗତ୍ କରି କରି ଅର୍ଥମନ୍ତ୍ରୀ କହିଛନ୍, ଇହାଦେ ଚାଲିଥିବା ଆୟକର ଆଇନ୍ ଠାନୁ ଇ ନୂଆ ବିଲ୍‌ଥି ବହୁତ୍ କମ୍ ଅନୁଚ୍ଛେଦ୍ ଆଉ ଅଧ୍ୟାୟ ରହିଛେ । ସାଧାରଣ ଲୁକ୍‌କର୍ ଲାଗି ଇଟା ବହୁତ୍ ସଜହ୍ ହେବା । ଲୋକ ସଭାନୁ ଆଗତ୍ ହେବାର୍ ଉତ୍‌ରୁ ବିଲ୍ ସଂସଦ୍‌ର ଚୟନ୍ କମିଟିକେ ଯାଂଚ୍ ଲାଗି ଯିବା ଆଉ କମିଟି ଆଏବା ଅଧିବେଶନ୍‌ର ପହେଲା ଦିନେ ରିପୋର୍ଟ ଦେବା ବଲି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ ।

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ I&PR

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ବିଜୁ ପଟ୍ଟନାୟକ୍ ପଡ଼ିଆ ଠାନେ ଆଏବା କାଏଲ୍‌ଠାନୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ୍ ହେବା । ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ, ୧୬ ତାରିଖ୍‌ତକ୍ ହେବାର୍‌କେ ଥିବା ସମାବେଶ୍‌ଥି ରାଜ୍ୟର୍ ଫି' ବ୍ଲକ୍‌ନୁ ୨୬ ଝନ୍ ଲେଖା ଚାଷୀ ଯୋଗ୍ ଦେବେ । ଫି' ଉପଖଣ୍ଡନୁ ୪ ଝନ୍ ଲେଖା ପ୍ରାଣୀ

ପାଳକ ଆର୍ ମସ୍ୟ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା । ଇ ଅବ୍‌ସରେ 'ମନ୍ତ୍ରୀ ପଚାରନ୍ତୁ' କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ସିଧାସଲଖ୍ ଚାଷୀମାନ୍‌କର୍ ଭିନ୍ ଭିନ୍ ପ୍ରଶ୍ନର୍ ଉତର୍ ରଖ୍‌ବେ । ସେନ୍ତା ଭିନ୍ ଭିନ୍ ରାଏଜ୍‌ରୁ ମଇଁଷି, ଗାଏ ଆର୍ କୁକୁର୍ ମାନ୍‌କର୍ ପ୍ରଦର୍ଶନୀ ହେବା । ଇ ବଛର୍ ସମାବେଶ୍‌ର ବିଷୟବସ୍ତୁ ହେଉଛେ 'ମସ୍ୟ ଓ ପ୍ରାଣୀ ପାଳନ, ଜୀବନ ଜୀବିକା, ଜୈବ ସନ୍ତୁଳନ' ।

ବିଶ୍ୱ ରେଡ଼ିଓ ଦିବସ ଆର୍‌ଏନ୍‌ୟୁ/କଟକ/ସମ୍ବଲପୁର

ରେଡ଼ିଓ ସୂଚନା ଶିକ୍ଷା ଆଉ ମନୋରଞ୍ଜନ୍‌ର ମୁଖିଆ ମାଧ୍ୟମ୍ ଭାବେ ନୂଆଁ ରୂପେ ଲୁକ୍‌କର୍ ମନ୍ ଜିତୁଛେ । ସବୁନୁ ବଡ଼ ଗଣମାଧ୍ୟମ୍ ହିସାବେ ଆଏଜ୍ ଭିଲ୍ ସାରା ପୁର୍‌ଥି ନ ରେଡ଼ିଓର ଲୋକପ୍ରିୟତା ରହିଛେ । ସମାଜ୍‌ର ବିକାଶ୍‌ଥି ରେଡ଼ିଓର୍ ଭୂମିକାକେ ସୋର୍ କର୍‌ବାର୍ ଲାଗି ଫି' ବଛର୍ ଆଜିର୍ ଦିନ୍‌କେ ବିଶ୍ୱ ରେଡ଼ିଓ ଦିବସ୍ ଭାବେ ପାଳନ୍ କରାଯାଉଛେ । ମିଲିତ୍ ଜାତିସଂଘର ୟୁନେସ୍କୋ ସଂସ୍ଥା ତର୍‌ଫୁ ୨୦୧୨ ମସିହା ନୁ ଫି ବଛର୍ ଫେବୃଆରୀ ୧୩ ତାରିଖ୍‌କେ ବିଶ୍ୱ ରେଡ଼ିଓ ଦିବସ୍ ଭାବେ ପାଳନ୍ କରାଯାଉଛେ ।

ଇ ବଛର୍ ରେଡ଼ିଓ ଦିବସ୍‌ର ବାର୍ତା ହେଉଛେ 'ରେଡ଼ିଓ ଆର୍ ଜଳବାୟୁ ପରିବର୍ତନ୍' । ଜଲବାୟୁର୍ ସୁରକ୍ଷା ଦିଗେ ରେଡ଼ିଓ ଆର୍ ତାର୍ ସାମ୍ବାଦିକ୍ ମାନ୍‌କର୍ ଅବଦାନ୍‌କେ ତହଁକାବାର୍ ଲାଗି ଇ ବଛ୍‌ରର୍ ବାର୍ତା ସମର୍ପିତ ।

ବିଶ୍ୱ ରେଡିଓ ଦିବସ ଉଧେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜେନଇକରି କହିଛନ୍, ନିଜର୍ ସଙ୍ଗେ ଯୁଡ଼ିକରି, ଭିନ୍ ଭିନ୍ ବିଷେଥି ସୂଚ୍‌ନା ଦେଇକରି ଆର୍ ଲୁକ୍‌କୁ ତହଁକେଇ କରି ରେଡିଓ ଆଏଜ୍ ବହୁତ୍ ଲୋକଙ୍କର୍ ଜୀବନ୍ ରେଖା ହେଇପାରିଛେ । ଖବର୍ ଆର୍ ସଂସ୍କୃତିଠାନୁ ମୁଲ୍ କରି କରି ସଙ୍ଗୀତ୍ ଆର୍ କଥାନୀ କହେବାର୍ ତକ୍ ଇଟା ଗୁଟେ ଶକ୍ତିଶାଳୀ ମାଧ୍ୟମ ବଲି ପ୍ରଧାନମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ସୂଚ୍‌ନା ପ୍ରଦାନ ଆର୍ ଯୋଗାଯୋଗ୍‌କେ ବର୍‌କସ୍ କରି କରି ରେଡିଓର୍ ଶକ୍ତି ଉପ୍‌ରେ ସଚେତନ୍ କର୍‌ବାର୍‌କେ ରାଜ୍ୟପାଲ ହରିବାବୁ କମ୍ଭମ୍‌ପାଟି ଇ ଅବ୍‌ସରେ ବାର୍ତା ଦେଇଛନ୍ । ଇ ବଛରର୍ ବାର୍ତା ଜଲବାୟୁ ପରିବର୍ତନ ଉପ୍‌ରେ ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ରେଡ଼ିଓ ଦିବସ ଅବ୍‌ସରେ ଭୁବନେଶ୍ୱର, ବରଗଡ଼ ସହେତେ ରାଜ୍ୟର ଆଉ କେତେ ଜାଗା ନ ଆଏଜ୍ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଉଛେ । ଭୁବନେଶ୍ୱର୍

ଭଞ୍ଜକଳାମଣ୍ଡପ୍ ଠାନେ ଅନ୍ତର୍ଜାତୀୟ ଆଉଟ୍‌ରିଚ୍ ରେଡ଼ିଓ ମେଲାର୍ ଆୟୋଜନ୍ କରାଯାଇଛେ ।

ପ୍ରସାର୍ ଭାରତୀ ଅଧ୍ୟକ୍ଷ ନବନୀତ୍ କୁମାର୍ ସେହଗଲ୍ କହିଛନ୍, ଦେଶର୍ ସାଂସ୍କୃତିକ୍ ଆର୍ ଆର୍ଥିକ୍ ବିକାଶ୍ କ୍ଷେତ୍ରେ ରେଡ଼ିଓର ବହୁତ୍ ବଡ଼ ଭୂମିକା ରହିଛେ । ଆକାଶ୍‌ବାଣୀ ପୁର୍‌ଥିର୍ ସବୁନୁ ବଡ଼ ରେଡ଼ିଓ ସଂଚାର୍ ମାଧ୍ୟମ୍ ହେଇକରି 'ବହୁଜନ ହିତାୟ, ବହୁଜନ ସୁଖାୟ'ର ବାର୍ତାକେ ଶ୍ରୋତାମାନ୍‌କର୍ ପାଖ୍‌କେ ପହଁଚାସି ବଲି ଶ୍ରୀ ସେହଗଲ୍ କହିଛନ୍ ।

ଆକାଶ୍‌ବାଣୀ ମହାନିର୍ଦ୍ଦେଶକ୍ ଡକ୍ଟର୍ ପ୍ରଜ୍ଞା ପାଲିୱାଲ୍ ଗୌର କହିଛନ୍, ଦେଶର୍ ଭିତ୍‌ରିଆ ଇଲାକା ନ ଭିଲ୍ ରେଡ଼ିଓ ଜରିଏ ଲୋକ୍‌ମାନ୍‌କର୍ ପାଖ୍‌କେ ଠିକ୍ ସମିଆଥି ସୂଚ୍‌ନା ପୁହୁଁଚିପାରୁଛେ । ଇ ଅବ୍‌ସରେ ନୂଆଦିଲ୍ଲୀ ଠାନେ ହେଇଥିବା ରେଡ଼ିଓ ମହୋତ୍ସବ୍ ୨୦୨୫ କେ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟ ସଚିବ ସଞ୍ଜୟ ଜାଜୁ ଉଦ୍‌ଘାଟନ୍ କରିଛନ୍ ।

ଆକାଶ୍‌ବାଣୀ ସମ୍ବଲ୍‌ପୁର୍‌ର ଆଘର୍ କେନ୍ଦ୍ର ନିର୍ଦ୍ଦେଶକ୍ ପ୍ରଦୀପ୍ତ କୁମାର୍ ଶ୍ରୀଚନ୍ଦନ୍ ବିଶ୍ୱ ରେଡ଼ିଓ ଦିବସ୍ ଅବ୍‌ସରେ କହିଛନ୍....

(ଭଏସ୍ ଓଭର୍- ପ୍ରଦୀପ୍ତ କୁମାର୍ ଶ୍ରୀଚନ୍ଦନ୍)

ରେଡ଼ିଓ ଦିବସ୍ ଅବ୍‌ସରେ ବର୍‌ଗଡ୍‌ର ଶ୍ରୋତା ସଂଘର୍ ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ୍ କହିଛନ୍,

(ଭଏସ୍ ଓଭର୍- କୃଷ୍ଣ ଚନ୍ଦ୍ର ପ୍ରଧାନ୍)

ପଶ୍ଚିମ ଓଡ଼ିଶାର୍ ରେଲ୍‌ବିଭାଗ୍‌କେ ପ୍ରସ୍ତାବ୍/ନୂଆପଡ଼ା ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ୪ ଟା ରେଲ୍‌ପ୍ରକଳ୍ପର୍ ଚୂଡ଼ାନ୍ତ ଲୋକେସନ୍ ସର୍ଭେ ଲାଗି ସାଂସଦ୍ ସୁଜୀତ୍ କୁମାର୍ ଆଏଜ୍ ରାଜ୍ୟସଭା ନ ରେଲ୍‌ମନ୍ତ୍ରୀଙ୍କର୍ ଆଘେ ପ୍ରସ୍ତାବ୍ ରଖିଛନ୍ । କଳାହାଣ୍ଡିର୍ ଭବାନୀପାଟ୍‌ନାଠାନୁ କେସିଙ୍ଗାକେ ୩୫ କିଲୋମିଟର୍ ବିଦ୍ୟୁତ୍ କରଣ୍, ସମ୍ବଲ୍‌ପୁର୍‌ଠାନୁ ସୋନ୍‌ପୁର୍‌କେ ୭୭ କିଲୋମିଟର୍ ରେଲ୍‌ଲାଇନ୍ ତିଆରି କର୍‌ବାର୍ ପ୍ରସ୍ତାବ୍ ଦେଇଛନ୍ । ସେନ୍ତା କଂଟାବାଞ୍ଜିଠାନୁ କୋକ୍‌ସରା ଭାୟା ରାଜ୍‌ଖରିଆର୍‌କେ ଶହେ ୧୫ କିଲୋମିଟର୍ ଏଫ୍‌ଏଲ୍‌ଏସ୍ ଲାଗି ଆଉ ଲାଞ୍ଜିଗଡ଼୍ ରୋଡ଼୍ ଠାନୁ ଫୁଲ୍‌ବାଣୀ ଭାୟା ମଦନ୍‌ପୁର୍ ରାମ୍‌ପୁର୍, ବାଲିଗୁଡ଼ାକେ ରେଲ୍‌ଲାଇନ୍ ତିଆର୍ କର୍‌ବାର୍‌କେ ସାଂସଦ୍ ପ୍ରସ୍ତାବ୍ ଦେଇଛନ୍ ।

ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରେକ୍ଷାଳୟ ଠାନେ ସହରାଂଚଲ୍ ସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଲନୀ ଆଏଜ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ସୁଜାତାରାଣୀ ମିଶ୍ର, ମହାନଗର୍ ନିଗମ୍ କାର୍ଯ୍ୟାଳୟ ତର୍‌ଫୁ ସ୍ୱାସ୍ଥ୍ୟ ଅଧିକାରୀ ମହେନ୍ଦ୍ର ନନ୍ଦଙ୍କର୍ ସହେତେ ବହୁତ୍ ସିଆନ୍ ସୁଜନ୍ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ସହରାଂଚଲ୍ ସ୍ୱାସ୍ଥ୍ୟସେବାଥି ମହିଳା ଆରୋଗ୍ୟ ସମିତିର୍ ଭୂମିକା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ    ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ଠାନେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ନ ଜାନୁଆରୀ ମାସେ ଧାରିଜ୍ ଥିବା ଭୂ-ରାଜସ୍ୱ, ରୟାଲ୍‌ଟି, ଜଳକର ଆର୍ ଭିନ୍ ଭିନ୍ ରାଜସ୍ୱ ସମିଆ ଅନ୍‌ସାରେ ଆଦାୟ କର୍‌ବାର୍‌କେ ବୈଠକ୍ ନ ଆଲୋଚନା ହେଇଥିଲା ।

ବୌଦ୍ଧ-ବେଆଇନ୍ ଲିଙ୍ଗ ନିରୂପଣ    ବୌଦ୍ଧ ସମ୍ବାଦଦାତା

ବେଆଇନ୍ ଲିଙ୍ଗ ନିରୂପଣ୍‌କେ ରୁକ୍‌ବାର୍ ଲାଗି ବୌଦ୍ଧ ଜିଲ୍ଲା ଉପଦେଷ୍ଟା କମିଟିର୍ ବୈଠକ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଆଘୋନୁ ହେଇଥିବା ଗୁଟେ ସର୍ବେକ୍ଷଣ୍‌ନୁ ପିଲାମାନ୍‌କର୍ ତୁଲ୍‌ନାଥି ଟୁକେଲ୍ ଛୁଆକର୍ ସଂଖ୍ୟା କମ୍‌ବାର୍ ଲାଗିଛେ । ଇତାର୍ କାରଣ୍ ବାବ୍‌ଦେ ଅନୁଧ୍ୟାନ୍ କରିକରି ରିପୋର୍ଟ ଦେବାର୍‌କେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟର୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।